## ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ବ୍ୟାପକ ଦୁର୍ନୀତି

# ୭ କୋଟିର ରାସ୍ତା ନିର୍ମାଣରେ ଅନିୟମିତତା

ଭଦ୍ରେଶ୍ୱର,୮।୧(ସମିସ): ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗର ପାରିବାପଣିଆ ଏବେ ପଦାରେ ପଡ଼ିଛି। ମାହାଙ୍ଗା ବ୍ଲକର ବରଅଠା-କୁଆଁପାଳ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇ ପ୍ରାୟ ୭ କୋଟି ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରାଯାଉଥିବା ବେଳେ ଏଥିରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା ହେଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଠିକାଦାର ସରକାରୀ ଅଟକଳକୁ ବେଖାତିର କରି ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରୁଛନ୍ତି, ଯାହା ଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିମ୍ନମାନର କାର୍ଯ୍ୟର ଏକ ଜ୍ୱଳନ୍ତ ନମୁନା ବାସୁଦେବପୁର ବିଦ୍ୟାଳୟ ସମ୍ମୁଖରେ ଦେଖିବାକୁ ମିଳିଛି। ବୁଧବାର ଦିନ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ମିଲର ସହାୟତାରେ ଢଳେଇ



ଢଳେଇ ଗାଡ଼ିକୁ ଅଟକାଇଲେ ଉତ୍ତ୍ୟକ୍ତ ଲୋକେ

କାର୍ଯ୍ୟ କରାଯାଇଥିଲା। ମାତ୍ର ଆଶ୍ଚର୍ଯ୍ୟର କଥା ଯେ, ଢଳେଇ ହେବାର ୨୪ ଘଣ୍ଟା ଅତିକ୍ରମ କରିଥିଲେ ମଧ୍ୟ ରାସ୍ତାଟି ଜମାଟ ବାନ୍ଧି ନ ଥିଲା। ପଥର ଓ ସିମେଣ୍ଟ ମସଲା କାଦୁଅ ପଙ୍କ ଭଳି ପଚପଚ ହେଉଥିବା ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଘଟଣାକୁ ନେଇ ଗୁରୁବାର ଦିନ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ତ୍ୟକ୍ତ ଲୋକେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଢଳେଇ ଗାଡ଼ିକୁ ଅଟକାଇ ଫେରାଇ ଦେଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା କନିଷ୍ଠ ଯନ୍ତ୍ରୀ ଜନ ମଲିକଙ୍କୁ ସ୍ଥାନୀୟ ବାସିନ୍ଦାମାନେ ପ୍ରଶ୍ନବାଣରେ ଘାଇଲା କରିଥିଲେ। ବିଭାଗୀୟ ଅଧିକାରୀ, ଠିକାଦାର ଏବଂ ସ୍ଥାନୀୟ ରାଜନେତାଙ୍କ ମଧ୍ୟରେ ସଲାସୁତରା ଯୋଗୁଁ ସାର୍ବଜନୀନ ଅର୍ଥର ଏଭଳି ହରିଲୁଟ ହେଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପରିସ୍ଥିତି ଅଣାୟତ୍ତ ହେବାରୁ ମାହାଙ୍ଗା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହି ବଡ଼ ଧରଣର ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ମାହାଙ୍ଗା ବିଧାୟକଙ୍କ ନଗସପୁର ପଞ୍ଚାୟତ ଗସ୍ତ



ନିଶ୍ଚିନ୍ତକୋଇଲି,୮।୧(ସମିସ): ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଗୁରୁବାର ଅପରାହ୍ନରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନଗସପୁର ପଞ୍ଚାୟତକୁ ଅଚାନକ ଗସ୍ତ କରିଛନ୍ତି। ଏହି ପଂଚାୟତର ବିଭିନ୍ନ ୱାର୍ଡରେ ବୁଲି ଲୋକମାନଙ୍କର ସମସ୍ୟା ସଂପର୍କରେ ଅବଗତ ହୋଇଛନ୍ତି। ବହୁ ଲୋକେ ସେମାନଙ୍କର ବ୍ୟକ୍ତିଗତ ସମସ୍ୟା ଏବଂ ସାମୁହିକ ସମସ୍ୟା ବିଷୟରେ ବିଧାୟକଙ୍କୁ ଅବଗତ କରିବା ପରେ ଏହା କିପରି ତୁରନ୍ତ ସମାଧାନ କରାଯିବ ସେ ନେଇ ବିଧାୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ନେଇଛନ୍ତି। ଏହି ଅବସରରେ ନୃସିଂହ ଚରଣ ପରିଡାଙ୍କ ସଂଯୋଜନାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବ୍ଲକ ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ରବିନ୍ଦ୍ରନାଥ ତ୍ରିପାଠୀ, ମିହୀର ମିଶ୍ର, ସୁରେନ୍ଦ୍ରନାଥ ରାଉତ, ବିନୋଦ ସାମଲ, ଦୀପକ ସ୍ୱାଇଁ, ମନୋଜ ଭୂୟାଁ, ଆଶିଷ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚାରିରକବା ଗ୍ରାମ ୧୧ ନମ୍ବର ୱାର୍ଡର ବୁଥ୍ ସଭାପତି ଆଲୋକ ବେହେରାଙ୍କ ମାଆ ସ୍ୱର୍ଗତ ବର୍ଷି ବେହେରା ଏବଂ ରଘୁନାଥ ମହାପାତ୍ରଙ୍କ ପତ୍ନୀ ସ୍ୱର୍ଗତ କନକମଞ୍ଜରୀ ମହାପାତ୍ରଙ୍କ ବାସଭବନକୁ ଯାଇ ଦିବଂଗତ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ପ୍ରାକୃତିକ ଚିକିତ୍ସା ଶିବିର: ୧୨୮ ରୋଗୀ ଉପକୃତ

କଟକ,୮।୧(ସମିସ): ମାରୱାଡ଼ି ସମାଜ ଓ ମାରୱାଡ଼ି ଯୁବ ମଞ୍ଚ 'କଟକ ବିକାଶ'ର ମିଳିତ ଆନୁକୂଲ୍ୟରେ ଆୟୋଜିତ ୭ ଦିନିଆ ପ୍ରାକୃତିକ ଚିକିତ୍ସା ଶିବିର ଗୁରୁବାର ଦିନ ଉଦଯାପିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୨୮ ଜଣ ରୋଗୀ ସାମିଲ ହୋଇଥିବା ବେଳେ ସେମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ମୋଟ ୬୭୮ ଥର ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଇଛି। ବିଶେଷ କରି ଆଣ୍ଠୁ ଗଣ୍ଠି ଯନ୍ତ୍ରଣା, ସାୟାଟିକା, ବେକ ଓ ପିଠି ଯନ୍ତ୍ରଣା, ମୁଣ୍ଡବିନ୍ଧା, ଥାଇରଏଡ୍ ଏବଂ ହାଡ଼ଜନିତ ସମସ୍ୟାରେ ପୀଡ଼ିତ ରୋଗୀମାନେ ଏହି ବିନା ଔଷଧ ଚିକିତ୍ସା ପଦ୍ଧତି ଦ୍ୱାରା ବେଶ୍




ଉପକୃତ ହୋଇଥିବା ପ୍ରକାଶ କରିଛନ୍ତି। ଉଦଯାପନୀ ସମାରୋହରେ ଅତିଥି ଭାବେ ଯୋଗଦେଇ ଦେବେନ୍ଦ୍ର ସିଂହ ଓ ତାଙ୍କ ଦଳ ପ୍ରାକୃତିକ ଚିକିତ୍ସାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଜସ୍ଥାନ ହନୁମାନଗଡ଼ର ଡକ୍ଟର ରାମ ମନୋହର ଲୋହିଆ ଆରୋଗ୍ୟ ଜୀବନ ସଂସ୍ଥାନରୁ ଆସି ନିରନ୍ତର ସେବା ଯୋଗାଇଥିବା ବିଶିଷ୍ଟ ଥେରାପିଷ୍ଟ ମହେନ୍ଦ୍ର କୁମାରଙ୍କୁ ଆୟୋଜକ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। କଟକ ମାରୱାଡ଼ି ସମାଜର ସଭାପତି ସଞ୍ଜୟ ଶର୍ମା ଏବଂ ମାରୱାଡ଼ି ଯୁବ ମଞ୍ଚ କଟକ ବିକାଶର ସଭାପତି ଗୋପାଳ କୃଷ୍ଣ ତେବ୍ରିୱାଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଦେବକୀନନ୍ଦନ ଯୋଶୀ ଓ ବିଜୟ ଅଗ୍ରୱାଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଶିବିରର ସଫଳ ପରିଚାଳନାରେ ଅଶୋକ ଚୌବେ, କିଶନ ଶର୍ମା, ନନ୍ଦ କିଶୋର ଯୋଶୀ, ରଶ୍ମି ମିତ୍ତଲ, ପିଙ୍କି ମୋଦା, ମିଶ୍ରି ମିତ୍ତଲ, ବଜରଙ୍ଗ ଚିମନଙ୍କା ଏବଂ ରାଜେଶ ଅଗ୍ରୱାଲ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ମନୋଜ ଶର୍ମା, ପବନ ଅଗ୍ରୱାଲ ଓ ଅନ୍ୟ ସଭ୍ୟମାନେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଅସହାୟଙ୍କୁ କମ୍ବଳ ଓ ରାସନ ସାମଗ୍ରୀ ବଣ୍ଟନ



ଭୁବନେଶ୍ୱର,୮ ।୧(ସମିସ): ଅମର ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବାସ କରୁଥିବା ଗରିବ ଓ ଅସହାୟଙ୍କୁ ସହାୟତା ପ୍ରଦାନ କରାଯାଉଛି। ଜାନୁଆରୀ ୧ରେ କଟକ ଜିଲ୍ଲା ହରିପୁର ଗ୍ରାମର ବାସିନ୍ଦାଙ୍କୁ ୩ଶହ କମ୍ବଳ ସମେତ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ସେହିପରି ଯାଜପୁରର କୋହ୍ଲାପୁର ଓ ଭାଲୁମରା ଗ୍ରାମ ଏବଂ ଢେଙ୍କାନାଳରେ ଦରହା ସାହିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି ଆଜି ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକ୍ ନଗଡ଼ା ଅଧୀନସ୍ଥ ଦୁର୍ଗମ ଆଦିବାସୀ ଅଞ୍ଚଳରେ ମଧ୍ୟ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିଛି ଫାଉଣ୍ଡେସନ।

ବିଶେଷ କରି ସେଠାରେ ଲୋକମାନେ ଅତ୍ୟାବଶ୍ୟକୀୟ ସାମଗ୍ରୀ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଫାଉଣ୍ଡେସନ୍‌ର ସଦସ୍ୟମାନେ କମ୍ବଳ ସମେତ ଡାଲି, ଶୋରିଷ ତେଲ, ଆଳୁ, ହଳଦୀ ଗୁଣ୍ଡ ଏବଂ ଲୁଣ ଆଦି ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି। ଅଞ୍ଚଳର ଗୁହିଆସାଲା, ତଲଡିହା, ତୁମୁନି ଏବଂ ନଳିଆଡାବା ଗ୍ରାମର ୧୦୦ରୁ ଉଦ୍ଧ୍ୱର୍ ଆଦିବାସୀ ପରିବାରକୁ ଏହି ସମସ୍ତ ରାସନ ସାମଗ୍ରୀ ପ୍ରଦାନ କରାଯାଇଛି। ତେବେ ଗ୍ରାମ ଭିତରକୁ ଭଲ ରାସ୍ତା ନଥିବାରୁ ନଳିଆଡାବା ନିକଟସ୍ଥ ଜଙ୍ଗଲ ଅଫିସ୍ ନିକଟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଫାଉଣ୍ଡେସନର ପ୍ରତିଷ୍ଠାତା ଅମର ରଞ୍ଜନ ମହାନ୍ତି ଓ ତାଙ୍କ ପରିବାର, ଶୋଭନ କାନୁନଗୋ, ବସନ୍ତ କୁମାର ବେହେରା, ଚିତ୍ତ ରଞ୍ଜନ ପଟ୍ଟନାୟକ, ଚିରଞ୍ଜିବୀ ଦାସ, ହେମନ୍ତ କୁମାର ସାହୁଙ୍କ ସମେତ ଫାଉଣ୍ଡେସନ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ପୁଷ୍ୟାଭିଷେକରେ ଟାଙ୍ଗୀ ଉତ୍ସବ ମୁଖର

ଟାଙ୍ଗୀ,୮ ।୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ପୁଷ୍ୟାଭିଷେକରେ ଉତ୍ସବ ମୁଖର ହୋଇଉଠିଛି। ଚଳିତ ବର୍ଷ ୧୧୬ ବର୍ଷରେ ପଦାର୍ପଣ କରିଛି ପୌଷ ପୂର୍ଣ୍ଣିମା ଯାତ୍ରା। ଚଳିତ ବର୍ଷ ମଦନମୋହନ ସାହିରେ ତୁଳସୀ ଗଣନାଟ୍ୟ, ହାଟ ସାହିରେ ରଙ୍ଗମହଲ, କୋଟସାହିରେ ଶିବାନୀ ଗଣନାଟ୍ୟ ଏବଂ ମଠ ସାହିରେ ସିଂହବାହିନୀ ଯାତ୍ରାପାର୍ଟି ତିନିଦିନିଆ ଯାତ୍ରା ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ଶୁକ୍ରବାର ଉଦଯାପିତ ହେବ ବୋଲି ଜଣାପଡିଛି। ଏହି ମହୋତ୍ସବରେ



ଓଡ଼ିଶାର କୋଣ ଅନୁକୋଣରୁ ଲକ୍ଷାଧିକ ଯାତ୍ରୀ ଯାତ୍ରା ଉପଭୋଗ କରୁଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଟାଙ୍ଗୀ ଥାନା ପକ୍ଷରୁ ପୁଲିସ ମୁତୟନ କରାଯାଇଥିବା ଆଇଆଇସି ଡ଼ ବିକାଶ ସେଠୀ ସୂଚନା ଦେଇଛନ୍ତି। ଏହି ଅବସରରେ କୋଟସାହି ଯାତ୍ରା ପେଣ୍ଡାଲରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସାମାଜିକ କର୍ମୀ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗଦେଇ ଉଦଘାଟନ କରିଥିବା ଜଣାପଡିଛି।



## ମା' ଶାରଳାଙ୍କ ମେଳା ମହୋତ୍ସବ

ନିଶ୍ଚିନ୍ତକୋଇଲି,୮।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କେରିଲୋ ପଞ୍ଚାୟତର ହରଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ମା' ଶାରଳାଙ୍କ ମେଳା ମହୋତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ପରୀକ୍ଷାରେ କୃତୀତ୍ୱ ଲାଭ ପାଇଁ ଏହି ମହୋତ୍ସବରେ ଯୋଗଦେଇ ମା' ଶାରଳାଙ୍କ ଆଶିଷ ଭିକ୍ଷା କରିଛନ୍ତି। ପୂଜକ କମଳାକାନ୍ତ ଦାଶ ଓ ସୁରେନ୍ଦ୍ରନାଥ ମିଶ୍ରଙ୍କ ଦ୍ୱାରା ମେଳାର ସମସ୍ତ କାର୍ଯ୍ୟକ୍ରମ ଏବଂ ହୋମଯଜ୍ଞ କରାଯାଇଥିବା ବେଳେ ଏଥିରେ କର୍ତ୍ତା ଭାବେ ଛାତ୍ର ଅରବିନ୍ଦ ପଣ୍ଡା କାର୍ଯ୍ୟ ତୁଲାଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ପାର୍ବତୀ ମିଶ୍ରଙ୍କ ତତ୍ତ୍ୱବଧାନରେ ଏହି କାର୍ଯ୍ୟକ୍ରମରେ ଆଲୁମନି କମିଟି ସଭାପତି ଗିରିଶ ରଞ୍ଜନ ମହାପାତ୍ର, ପରିଚାଳନା କମିଟି ସଭାପତି ସରୋଜ ସ୍ୱାଇଁ, ଅଧ୍ୟାପକ ଡ. ବିଜୟ ରାଉତ, ସତ୍ୟବ୍ରତ ଦାସ, ଉର୍ମିବାଳା ମଲିକ, ନିବେଦିତା ସାହୁ, ଶିଶୁଲେଖା ଦାସ, ଦୀପାଞ୍ଜଳି ସ୍ୱାଇଁ, ଶୁଭଲକ୍ଷ୍ମୀ ଦାସ, ଆରଫିନ୍ ଆରା, ଆରତୀ ସାହୁ, ପ୍ରଶାନ୍ତ ବେହେରା, ପପୁନା ଦାସ, ରାଜେନ୍ଦ୍ର ରାମ, କାମିନୀ ବେହେରା, ମନୋରମା ଦାସ, ଅଜିତ ନାୟକ ପ୍ରମୁଖ ଉପସ୍ଥିତ ହୋଇଥିଲେ।

# ଶିକ୍ଷାବିତଙ୍କ ଜନ୍ମ ଜୟନ୍ତୀ



ମାହାଙ୍ଗା,୮।୧(ସମିସ): ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ଓ ପ୍ରାକ୍ତନ ମାହାଙ୍ଗା ବ୍ଲକ କଂଗ୍ରେସ କମିଟିର ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ୮୧ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାହାଙ୍ଗାର ଗୌରବମୟ ପୀଠ ସହିଦଭବନ, ମଣିଯୋରି ଠାରେ ଆୟୋଜିତ ଏହି ଜୟନ୍ତୀ ସମାରୋହରେ ଯୁବନେତା ସେକ ମସୁଦ ଅଲ୍ଲି ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ କଳା ବିକାଶ କେନ୍ଦ୍ର ସଭାପତି ସାହିତ୍ୟିକ ଡ. ବିଜୟାନନ୍ଦ ସିଂହ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ପ୍ରଭାତ କୁମାର କର, ପ୍ରାକ୍ତନ ପ୍ରଧାନଶିକ୍ଷକ ସ୍ମୃତି ରଞ୍ଜନ ପଟ୍ଟନାୟକ, ସାମ୍ବାଦିକ ଭକ୍ତ ଚରଣ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ସାହୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉତ୍ସବରେ ବାଗ୍ମୀ ବିଶ୍ୱନାଥ ବିଦ୍ୟାନିକେତନ ମୂଳବସନ୍ତର ପ୍ରଧାନଶିକ୍ଷକ ବିଶ୍ୱଜିତ୍ ସେଠୀଙ୍କୁ "ଶିକ୍ଷାଶ୍ରୀ ସମ୍ମାନ' ଓ ଜାନକୀ ବଲ୍ଲଭ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଣବ କିଶୋର ନାୟକଙ୍କୁ "ଶିକ୍ଷାସେବା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଶେଷରେ କ୍ଷୀରୋଦ ସାହୁ ଧନ୍ୟବାଦ ଦେଇଥିଲେ। ଆଇନଜୀବୀ ଦୀପକ ମହାନ୍ତି, ସେଖ ସୌକତ ଅଲ୍ଲୀ, ସଂଗ୍ରାମ କେଶରୀ ସାମଲ, ନଳିନୀକାନ୍ତ ନାୟକ, କୁଶାସନ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଳିଙ୍ଗ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବ

ଚୌଦ୍ୱାର,୮।୧(ସମିସ): ସ୍ଥାନୀୟ ପିଏମଶ୍ରୀ କଳିଙ୍ଗ ନୋଡାଲ ବିଦ୍ୟାପୀଠରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରାଜେନ୍ଦ୍ର ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ୩ ଦିନ ବ୍ୟାପୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବକୁ ଚୌଦ୍ୱାର ଥାନା ପୂର୍ବତନ ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରଉପାଧ୍ୟକ୍ଷ ତଥା ବିଦ୍ୟାଳୟ ଆଲୁମନି କମିଟି ସଭାପତି ଶୁଭେନ୍ଦୁ ସାମଲ, କାଉନସିଲର ବିଜୟ ସାହୁ, ସିଆରସିସି ରାଜେଶ ନାୟକ, ଆଲୁମନି କମିଟି ସଂପାଦକ ଆଶୁତୋଷ ଦାସ, ଉପସଭାପତି ଭାସ୍କର ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବିଇଓ ପ୍ରଭାତ କୁମାର ନାୟକ, ଇମ୍ଫାର ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ପିଆରଓ ମାନସ ବସନ୍ତିଆ, ପ୍ରଶାସକ ସୁନୀଲ ଦାଶ ପ୍ରମୁଖ ଯୋଗଦେଇ କ୍ରୀଡାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷୟିତ୍ରୀ ହିମାଦ୍ରୀ ଦାସ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପ୍ରାକ୍ତନ ଶିକ୍ଷକ ଓ କର୍ମଚାରୀ ଉତ୍ସବ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ କଳ୍ପଲତା ସାହୁ ଧନ୍ୟବାଦ ଦେଇଥିଲେ।

## କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଚୌଦ୍ୱାର,୮।୧(ସମିସ): ପିଏମ୍‌ଶ୍ରୀ ଓଟିଏମ୍ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ର ଜୟଗୁରୁ ଲେୟାଙ୍ଗି ଜାତୀୟ ଗ୍ରାମୀଣ ମେଧାବୃତ୍ତି (ଏନ୍‌ଆରଟିଏସ୍) ପାଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ମଙ୍ଗରାଜପୁର ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ କୋଚିଲା ନୂଆଗାଁ ନିବାସୀ କେଦାର ଲେୟାସିଂ ଓ ଶୁଭଶ୍ରୀ ସୁରୀଙ୍କ ପୁତ୍ର ଜୟଗୁରୁ ଶିକ୍ଷା କ୍ଷେତ୍ରରେ ସର୍ବଦା ଆଗୁଆ ରହିବା ସହିତ ଅଣ୍ଡର ୧୪ ଗ୍ରୁପରେ ଫୁଟବଲ ଓ ମାରାଥନ୍‌ରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌କୁ ପ୍ରତିନିଧିତ୍ୱ କରୁଥିବା ଜଣାପଡ଼ିଛି। ଜୟଗୁରୁଙ୍କ ଏହି ସଫଳତା ପାଇଁ ଓଟିଏମ୍ ହାଇସ୍କୁଲ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ତଥା ପରିଚାଳନା କମିଟି ସଦସ୍ୟବୃନ୍ଦ ଜୟଗୁରୁଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ବାପୁଜୀ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା



ନିଶ୍ଚିନ୍ତକୋଇଲି,୮।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବରାଦୋ ପଞ୍ଚାୟତ ପାଟପୁରଠାରେ ଥିବା ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏହି କ୍ରୀଡା ଉତ୍ସବକୁ ପ୍ରଧାନଶିକ୍ଷୟିତ୍ରୀ ପ୍ରିୟତମା ଚାନ୍ଦ ଉଦ୍‌ଘାଟନ କରିଥିଲେ। ଦୁଇ ଦିନ ଧରି ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା। ଏଥିରେ ବରିଷ୍ଠ ବିଭାଗରେ ବାଳକ ଅକ୍ଷୟ କୁମାର ଦାସ ଓ ବାଳିକା ରାଜଶ୍ରୀ ଦାସ ଏବଂ କନିଷ୍ଠ ବିଭାଗରେ ବାଳକ ଦିବ୍ୟଜ୍ୟୋତି ସାମଲ ଓ ବାଳିକା ସ୍ମୃତିରେଖା ସ୍ୱାଇଁ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ଏହାର ଉଦଯାପନୀ ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଚାନ୍ଦଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଦିପ୍ତିମୟୀ ବରାଳ, ସମ୍ମାନୀତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ସତ୍ୟରଞ୍ଜନ ମଲ୍ଲିକ, ଶିକ୍ଷକ ଦେବପ୍ରସାଦ ଦାସ, ସୀତାକାନ୍ତ ସାମଲ, ଶିକ୍ଷୟିତ୍ରୀ ସ୍ନେହଲତା ଦାସ, ମଧୁସ୍ମିତା ସାହୁ, ରାଜଶ୍ରୀ ଜେନା, ଭାନୁପ୍ରିୟା ବେହେରା, ମନସ୍ୱିନୀ ଖଟୁଆ, ଜିତେନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# କେନାଲ ଲାଇନିଂ ନିର୍ମାଣ କାର୍ଯ୍ୟ ବିଳମ୍ବ

ନିଶ୍ଚିନ୍ତକୋଇଲି,୮।୧(ସମିସ): କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ନିଶ୍ଚିନ୍ତକୋଇଲି ବଜାରସ୍ଥିତ ୮( ଇ) ଶାଖା କେନାଲରେ କଂକ୍ରିଟ ଲାଇନିଂ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କେନାଲଟି ନିଶ୍ଚିନ୍ତକୋଇଲି ବଜାର ଠାରୁ ୮ ନମ୍ବର କେନାଲରୁ ବାହାରି ନତକାଇ ପର୍ଯ୍ୟନ୍ତ ଯାଇଛି। ତେବେ ଏହି କେନାଲର କଂକ୍ରିଟ ଲାଇନିଂ ନିର୍ମାଣ କାର୍ଯ୍ୟ ନିମନ୍ତେ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଛି। ଏହି କାର୍ଯ୍ୟକୁ ଠିକାଦାର ମନମୁଖୀ ଭାବେ କରୁଥିବାରୁ ଏହାର କାର୍ଯ୍ୟ ଶେଷ କରିବାକୁ ନେଇ ବହୁ ବିଳମ୍ବ ହେଉଛି। ଯାହାଦ୍ୱାରା କେନାଲ ପାଶ୍ୱର୍ରେ ଥିବା ବ୍ୟବସାୟୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦୀର୍ଘ ଦିନ ହେବ ଏହି କେନାଲର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ବହୁ ବ୍ୟବସାୟୀମାନେ ଏହାକୁ ଜବରଦଖଲ କରି ଏହା ଉପରେ ଦୋକାନ ଗୃହ ନିର୍ମାଣ କରି ବ୍ୟବସାୟ କରୁଥିଲେ। କେନାଲ ଢଳେଇ ଲାଇନିଂ କାର୍ଯ୍ୟ ହେବା ପୂର୍ବରୁ ଜବରଦଖଲକାରୀମାନଙ୍କୁ



ଉଚ୍ଛେଦ କରାଯାଇଥିଲା। ବର୍ତ୍ତମାନ ଏହି କେନାଲକୁ ଜେସିବି ଦ୍ୱାରା ଖୋଳାଯାଇ ଲାଇନିଂ କାର୍ଯ୍ୟ ପାଇଁ ପ୍ରସ୍ତୁତି ଚାଲିଛି। ତେବେ ଏହି କାର୍ଯ୍ୟର ଅଟକଳ ବାବଦରେ କୌଣସି ସୂଚନା ଫଳକ ଦିଆ ନ ଯାଇ ଲୋକମାନଙ୍କୁ ଅନ୍ଧାର ଘେରରେ ରଖାଯାଇଥିବାରୁ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। କେନାଲ ଖୋଳାଯିବା ସମୟରେ ମାଟି ଭୁଶୁଡି ପଡି ବନ୍ଧ ପାଶ୍ୱର୍ରେ ଥିବା ଦୋକାନ ଗୃହ ପ୍ରତି ବିପଦର ଆଶଙ୍କା ଦେଖାଦେଇଛି। ଯେକୌଣସି ମୁହୂର୍ତ୍ତରେ ବ୍ୟବସାୟୀ ମାନଙ୍କର ଦୋକାନ ଗୃହ ଭୁଶୁଡି ପଡି ଅଘଟଣ ଘଟିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟରେ ବିଭାଗୀୟ ପକ୍ଷରୁ କେତେକ ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରାଯାଇଥିବାର ଅଭିଯୋଗ ହୋଇଛି। ଯାହାକୁ ନେଇ ବ୍ୟବସାୟୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଏହି ନିର୍ମାଣ କାର୍ଯ୍ୟ ଅଟକଳ ଅନୁଯାଇ କରାଯାଉ ନ ଥିଲା ବେଳେ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବା ଏବଂ କେନାଲ

### ବ୍ୟବସାୟୀ କ୍ଷତିଗ୍ରସ୍ତ ଆଶଙ୍କା

ଶଯ୍ୟାରେ ପଡୁଥିବା ଢଳେଇରେ ଗୋଡି, ବାଲି ଓ ସିମେଣ୍ଟ ମିଶ୍ରଣ ସଠିକ୍ ଭାବେ ଦିଆଯାଉ ନ ଥିବା ଏବଂ ଭଲ ଭାବରେ ତଳେ ପାଣି ପକାଯାଉ ନ ଥିବା ମଧ୍ୟ ଦେଖାଯାଇଛି। ଫଳରେ ଉକ୍ତ ପ୍ରକଳ୍ପର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି। ଏଥିରେ ଠିକାଦାର ମନମୁଖି ଭାବେ ନିର୍ମାଣ କାର୍ଯ୍ୟ କରୁଥିଲା ବେଳେ କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟର ତଦାରଖ କରୁ ନ ଥିବାର ଜଣାଯାଇଛି। ପ୍ରଶାସନ ତରଫରୁ ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୯୨ ● ପାଉଣ୍ଡ ୧୨୦.୭୭
- ୟୁରୋ ୧୦୪.୭୨ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୬,୫୦୦ (ଭୁବନେଶ୍ୱର)
- ରୁପା : ୨,୭୨,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୧୮୧.୦୦
- ନିଫ୍ଟି ୨୫,୮୭୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭାରତରେ ବାଂଲାଦେଶ ଭିସା ସେବା ସ୍ଥଗିତ

**ଢାକା, ୮।୧(ଏଜେନ୍ସି):** ବାଂଲାଦେଶ ଓ ଭାରତ ମଧ୍ୟରେ ରାଜନୈତିକ ଏବଂ କୂଟନୈତିକ ସମ୍ପର୍କ ଦିନକୁ ଦିନ ଖରାପ ହେବା ଲାଗିଛି। ଫଳରେ ନିରାପତ୍ତା ତଥା ସୁରକ୍ଷା କାରଣରୁ ବାଂଲାଦେଶ ଭାରତରେ ଥିବା ତା'ର ଭିସା ସେବାଗୁଡ଼ିକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ବାଂଲାଦେଶର ବୈଦେଶିକ ବ୍ୟାପାର ପରାମର୍ଶଦାତା ଏମ୍ ତୌହିଦ ହୋସେନ କହିଛନ୍ତି ଯେ କିଛି ଜରୁରୀ କାରଣରୁ ନୂଆଦିଲ୍ଲୀରେ ବାଂଲାଦେଶ ହାଇକମିଶନ ସବୁ ପ୍ରକାର ଭିସା ସେବାକୁ ଅସ୍ଥାୟୀ ରୂପେ ବନ୍ଦ କରିଛନ୍ତି। ଏହାଦ୍ୱାରା ଯଦି କେହି ସମସ୍ୟାର ସମ୍ମୁଖୀନ ହୁଅନ୍ତି ସେଥିପାଇଁ ଆମେ ଦୁଃଖିତ। ନୂଆଦିଲ୍ଲୀ ସ୍ଥିତ ବାଂଲାଦେଶ ହାଇକମିଶନ ଏକ ପବ୍ଲିକ ନୋଟ ଜାରି କରି ଏ ନେଇ ଅବଗତ କରାଇଛି। ରିପୋର୍ଟ ଅନୁସାରେ, କେବଳ ବିଜ୍‌ନେସ ଓ ରୋଜଗାର ଭିସାକୁ ବାଦ୍ ଦେଲେ ଟୁରିଷ୍ଟ ଭିସା ସମେତ ଆଉ ସବୁ ପ୍ରକାର ଭିସାକୁ ନିଲମ୍ବିତ କରାଯାଇଛି। ଭିସା ସେବାକୁ ନୂଆଦିଲ୍ଲୀ ସ୍ଥିତ ବାଂଲାଦେଶର ହାଇକମିଶନ, କୋଲକାତା ସ୍ଥିତ ଡେପୁଟି ହାଇକମିଶନ, ତ୍ରିପୁରାର ଅଗରତାଲାସ୍ଥିତ ଡେପୁଟି ହାଇକମିଶନ ଓ ସିଲଗୁଡ଼ିସ୍ଥିତ ଭିସା ପ୍ରକ୍ରିୟା କେନ୍ଦ୍ରରେ ବନ୍ଦ କରିଦିଆଯାଇଛି।

## ଚାଉଳ ପରେ ଭାରତକୁ ଡିଜେଲ ମାଗିଲା ବାଂଲାଦେଶ

**ନୂଆଦିଲ୍ଲୀ, ୮।୧ (ଏଜେନ୍ସି):** ଭାରତ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ବାଂଲାଦେଶ ସରକାର ଶେଷରେ ନୂଆଦିଲ୍ଲୀର ଶରଣ ପଶିଛି। ଭୋକ ମେଣ୍ଟାଇବା ପରେ ଶକ୍ତି ସୁରକ୍ଷା ପାଇଁ ନୂଆଦିଲ୍ଲୀକୁ ନେହୁରା ହୋଇଛି। ମୁହଁ ଫୁଟାଣି ମାରୁଥିବା ଏହି ଦେଶ ଭାରତ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଚାଉଳ ପରେ ଏବେ ବାଂଲାଦେଶ ଭାରତକୁ ଡିଜେଲ ମାଗିଛି। ଶକ୍ତି ସୁରକ୍ଷା ପାଇଁ ଭାରତକୁ ଲକ୍ଷେ ୮୦ ହଜାର ଟନ୍ ଡିଜେଲ ମଗାଯାଇଛି। ଚଳିତ ବର୍ଷ ଡିସେମ୍ବର ମଧ୍ୟରେ ଏହି ଡିଜେଲ ପଠାଯିବ। ଏଥିପାଇଁ ଭାରତ ସହ ଚୁକ୍ତି କରିବାକୁ ବାଂଲାଦେଶ ପ୍ରସ୍ତୁତ ଅଛି। ବାଂଲାଦେଶର କାମଚଳା ମହମ୍ମଦ ୟୁନୁସଙ୍କ ସରକାର ଏହି ଆମଦାନୀକୁ ମଞ୍ଜୁରି ଦେଇଛି। ଅର୍ଥ ପରାମର୍ଶଦାତା ସାଲେହୁଦ୍ଦିନ ଅହମ୍ମଦଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି କ୍ରୟ ପାଇଁ ୧୧୯.୧୩ ନିୟୁତ ଡଲାର ଅର୍ଥାତ ୧୪.୬୨ କୋଟି ବାଂଲାଦେଶୀ ଟକା ବ୍ୟୟ ବରାଦ କରାଯାଇଛି। ଏଥିପାଇଁ ଡିଜେଲ ବ୍ୟାରେଲ ପିଛା ମୂଲ୍ୟ ୮୩.୨୨ ଡଲାର ଧାର୍ଯ୍ୟ କରାଯାଇଛି।

**ଟ୍ରମ୍ପଙ୍କ ପାଇଁ ସେୟାର ବଜାରରେ ହାହାକାର**

# ସେନ୍‌ସେକ୍ସ ୭୮୦ ପଏଣ୍ଟ ହ୍ରାସ; ୭ ଲକ୍ଷ କୋଟି ବୁଡ଼ିଲା

**ନୂଆଦିଲ୍ଲୀ, ୮।୧ (ଏଜେନ୍ସି):** ସେୟାର ବଜାରରେ ଗୁରୁବାର ଭୂକମ୍ପ ଆସିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ଏହି ସ୍ଥିତି ସୃଷ୍ଟି ହୋଇଛି। ଭାରତ ଉପରେ ୫୦୦ ପ୍ରତିଶତ ଶୁଳ୍କ ଲଗାଇବାର ବ୍ୟବସ୍ଥା ଥିବା ବିଲ୍‌କୁ ସେ ମଞ୍ଜୁରି ଦେବାରୁ ସେୟାର ବଜାରରେ ହାହାକାର ସୃଷ୍ଟି ହୋଇଛି। ଆଜି ବିଏସଇ ସେନସେକ୍ସ ୭୮୦ (୦.୯୨ ପ୍ରତିଶତ) ପଏଣ୍ଟ ହ୍ରାସ ପାଇ ୮୪,୧୮୧ ସ୍ତରରେ ବନ୍ଦ ହୋଇଛି। ସେହିପରି ନିଫ୍ଟି ୨୮୪ (୧.୦୧ ପ୍ରତିଶତ) ପଏଣ୍ଟ ଖସି ୨୫,୮୭୭ ରହିଛି। ଏଥିଯୋଗୁଁ ନିବେଶକଙ୍କର ୭.୧୯ ଲକ୍ଷ କୋଟି ଟଙ୍କା ବୁଡ଼ି ଯାଇଛି। ଏବେ ବିଏସଇ ବଜାର ମୂଲ୍ୟ ୪୭୪ ଲକ୍ଷ କୋଟି ଟଙ୍କା ରହିଛି। ଡିସେମ୍ବର ୮ ତାରିଖ ପରେ ବଜାରରେ ଏହି ବଡ଼ ହ୍ରାସ ଦେଖିବାକୁ ମିଳିଛି। ଆଜିକୁ ମିଶାଇ କ୍ରମାଗତ ଚାରି ଦିନ



ହେଲା ସେୟାର ବଜାରରେ ହ୍ରାସ ଧାରା ଜାରି ରହିଛି। ଏହି ଅବଧିରେ ସେନସେକ୍ସ ୧୫୦୦ ପଏଣ୍ଟ ହ୍ରାସ ପାଇଲାଣି।

ଟ୍ରମ୍ପଙ୍କ ଶୁଳ୍କ ବ୍ୟତୀତ ରିଲାଏନ୍ସ ଏବଂ ଏଚଡିଏଫସି ବ୍ୟାଙ୍କ ଭଳି ବଡ଼ ସେୟାର, ଭେନେଜୁଏଲା ରାଜନୈତିକ ସଙ୍କଟ ଏବଂ ବିଶ୍ୱବଜାରର ଦୁର୍ବଳ ସଙ୍କେତ ଯୋଗୁଁ ସେୟାର ବଜାର ତଳକୁ ଖସି ଚାଲିଛି। ସେନସେକ୍ସରେ ଟିସିଏସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଲାର୍ସନ ଆଣ୍ଡ

**୪ ଦିନରେ ସେନ୍‌ସେକ୍ସ ୧୫୦୦ ପଏଣ୍ଟ ହ୍ରାସ**

ଟର୍ବୋ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏବଂ ଟାଟା ଷ୍ଟିଲର ସେୟାର ସର୍ବାଧିକ ହ୍ରାସ ପାଇଛି। ସେହିପରି ଇଟରନାଲ, ଆଇସିଆଇସିଆଇ ବ୍ୟାଙ୍କ, ବଜାଜ ଫାଇନାନ୍ସ ଏବଂ ବିଇଏଲ ସେୟାର ବୃଦ୍ଧି ପାଇଛି। ଦେଶର ସବୁଠାରୁ ମୂଲ୍ୟବାନ କମ୍ପାନୀ ରିଲାଏନ୍ସ ସେୟାର ୨.୨୫ ହ୍ରାସ ଘଟିଛି। ବ୍ରଡର ମାର୍କେଟରେ ନିଫ୍ଟି ମିଡ୍‌କ୍ୟାପ ୧୦୦ରେ ୧.୯୬ ପ୍ରତିଶତ ଏବଂ ନିଫ୍ଟି ସ୍ମଲକ୍ୟାପ ୧୦୦ରେ ୧.୯୯ ପ୍ରତିଶତ ହ୍ରାସ ଦେଖା ଦେଇଛି। ବିଦେଶ ନିବେଶକମାନେ ଭାରତୀୟ ସେୟାରରେ ନିଜ ଅଂଶ ବିକ୍ରି ଧାରା ଜାରି ରଖିଛନ୍ତି। ବୁଧବାର ଫରେନ ଇନଷ୍ଟିଚ୍ୟୁସନାଲ ଇନଭେଷ୍ଟର (ଏଫଆଇଆଇ) ୧୫୨୮ କୋଟିର ସେୟାର ବିକ୍ରି କରିଥିଲେ। ଜାନୁଆରୀରୁ ଏ ପର୍ଯ୍ୟନ୍ତ ସେମାନେ ୬୯୪ ନିୟୁତ ଡଲାରର ସେୟାର ବିକ୍ରି କଲେଣି। ଏହାର କୁପ୍ରବାହ ସେୟାର ବଜାର ଉପରେ ପଡ଼ିଛି। ସେହିପରି ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ନ ହେବାର ପ୍ରଭାବ ମଧ୍ୟ ପଡୁଛି।

## ଦ୍ରୁତ ହୋମ୍ ଡେଲିଭରିକୁ ନୂଆ ରୂପ ଦେଇଛି ଆମୱେ ଇଣ୍ଡିଆ

**ଭୁବନେଶ୍ୱର, ୮।୧ (ସମିସ):** ଆମୱେ ଇଣ୍ଡିଆ ହୋମ୍ ଡେଲିଭରି ପରିଚାଳନାକୁ ନୂଆ ରୂପ ଦେଇଛି। ଏହି ଉନ୍ନତିକରଣ ସମଗ୍ର ଦେଶରେ ବିତରକଗଣ ଏବଂ ସେମାନଙ୍କର ଗ୍ରାହକମାନଙ୍କ ନିମନ୍ତେ ସରଳ ଅର୍ଡର ଦେବାର ଅନୁଭୂତି ତଥା ଏକ ଦ୍ରୁତ, ଅଧିକ ଭରସାଯୋଗ୍ୟ ସେବା ଯୋଗାଣ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି। ବିଗତ ପାଞ୍ଚବର୍ଷ ମଧ୍ୟରେ ଆମୱେ ନିଜର ହୋମ୍ ଡେଲିଭରି ସାମର୍ଥ୍ୟକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିଛି। ସେବା ଯୋଗାଣ ସମୟ ୪୮% (୩.୧ ଦିନରୁ ମାତ୍ର ୧.୬ ଦିନକୁ) ହ୍ରାସକରି ଏବଂ ପରବର୍ତ୍ତୀ ଦିବସରେ ସେବା ଯୋଗାଣକୁ ୨୯%ରୁ ୫୫%ରୁ ଅଧିକକୁ ବୃଦ୍ଧିକରିଛି। ସମ୍ପ୍ରତି ଆମୱେ ଭାରତର ୯୦%ରୁ ଅଧିକ ପିନ୍‌କୋଡରେ ପହଞ୍ଚୁଛି। ଏହାକୁ ୮୦୦୦ରୁ ବୃଦ୍ଧି କରି ୧୭, ୫୦୦ରୁ ଅଧିକ ପିନ୍‌କୋଡରେ ପହଞ୍ଚା ଯାଇଛ। ଏହି ଉଲ୍ଲେଖନୀୟ ସଫଳତା ଉପଭୋକ୍ତାଙ୍କୁ କମ୍ପାନୀ ଦେଉଥିବା ଗୁରୁତ୍ୱକୁ ପ୍ରତିଫଳନ କରୁଛି। କମ୍ପାନୀ ରଣକୌଶଳର କେନ୍ଦ୍ରେରେ ବିତରକଗଣ ଏବଂ ଗ୍ରାହକ ରହିଛନ୍ତି ବୋଲି ଆମୱେ ଇଣ୍ଡିଆର ଏମଡି ରଜନୀଶ ଚୋପ୍ରା କହିଛନ୍ତି । ଏଥିସହିତ କମ୍ପାନୀ ଗ୍ରାହକ କୈନ୍ଦ୍ରିକ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦେଉଥିବା ନେଇ ଆମୱେ ଇଣ୍ଡିଆର ସଞ୍ଜୀବ ସୁରୀ (ସିନିୟର ଭାଇସ୍ ପ୍ରେସିଡେଣ୍ଟ, ଗ୍ଲୋବାଲ ଓମ୍ନି ଚାନେଲ ଲଜିଷ୍ଟିକ୍ସ, କଷ୍ଟମର ସର୍ଭିସେସ୍ ଆଣ୍ଡ ନର୍ଥ ରିଜନ) କହିଥିଲେ।

## ସେଲ୍ ମାଇଁ ମେସିନ ପକ୍ଷରୁ ମେଗା ଲୋନ୍ ମେଳା ଉଦ୍‌ଘାଟିତ

**ଭୁବନେଶ୍ୱର, ୮।୧ (ସମିସ):** ଭାରତର ସବୁଠାରୁ ବିଶ୍ୱସନୀୟ ନିର୍ମାଣ ଏବଂ ଖଣି ଉପକରଣ ପ୍ଲାଟଫର୍ମ ସେଲ୍‌ମାଇଁମେସିନଡଟ୍‌କମ ପକ୍ଷରୁ ପକ୍ଷରୁ ମେଗା ଲୋନ୍ ମେଳା ଉଦ୍‌ଘାଟିତ ହୋଇଯାଇଛି। ଏହି ମେଳା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧ୍ୟକ୍ଷ ଅନିଲ ନାନୋଲିଆ ଏବଂ ଆନିଷ ନାନୋଲିଆ ଏହି ଲୋନ୍ ମେଳାର ଉଦଘାଟନ କରିଥିଲେ । ଚୋଲା ମଣ୍ଡଲମ ଫାଇନାନ୍ସର ଅବିନାଶ ନିଗମ (ଓଡିଶା ଏବଂ ଛତିଶଗଡ଼ର ମୁଖ୍ୟ) ଏବଂ ଅନ୍ୟ ବ୍ୟାଙ୍କର ଅଧିକାରୀ ମାନେ ଏହି





କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ମେଳାରେ ଗ୍ରାହକମାନେ ବ୍ୟବହାର କରୁଥିବା ନିର୍ମାଣ ଏବଂ ଖଣି ମେସିନ୍‌ଗୁଡ଼ିକ ପାଇଁ ସହଜରେ ତୁରନ୍ତ ଋଣ ଅନୁମୋଦନ, କମ୍ ସୁଧ ହାର ଏବଂ ସହଜ ଡକ୍ୟୁମେଣ୍ଟେସନ୍ ସୁବିଧା ପାଇପାରିବେ। ଲ୍‌ମାଇଁମେସିନଡଟ୍‌କମ ସାରା ଭାରତରେ ବ୍ୟବହୃତ ନିର୍ମାଣ ଏବଂ ଖଣି ଉପକରଣ କ୍ରୟବିକ୍ରୟ ଏବଂ ଆର୍ଥିକ ସୁବିଧା ପ୍ରଦାନରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

**ଭେନେଜୁଏଲାକୁ ଚଲାଇବେ ଟ୍ରମ୍ପ**

## ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ତୈଳ ରପ୍ତାନୀକୁ ନିୟନ୍ତ୍ରଣ କରିବୁ

**ୱାସିଂଟନ, ୮।୧ (ଏଜେନ୍ସି):** ଭେନେଜୁଏଲା ଆକ୍ରମଣ ପଛରେ ଆମେରିକାର ଗୋଟିଏ ପରେ ଗୋଟିଏ କୁଟଳୀ ଚକ୍ରାନ୍ତ ସାମ୍ନାକୁ ଆସିବାରେ ଲାଗିଛି। ଖାଲି ନିଶା ଚାଲାଣ ଅଭିଯୋଗ ନୁହେଁ, ତୈଳ ଭଣ୍ଡାର, ବିପୁଳ ଖଣିଜ ସମ୍ପଦ, ସୁନା, ଚୀନ୍ ଏବଂ ରୁଷର କର୍ତ୍ତୃତ୍ୱ ବୃଦ୍ଧି, ଡଲାର ମୂଲ୍ୟ ହ୍ରାସ ଆଦିକୁ ବଞ୍ଚାଇବା ଲାଗି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆକ୍ରମଣ ନିର୍ଦ୍ଦେଶ ଦେଇଥିଲେ। ଏବେ ଭେନେଜୁଏଲାର ତୈଳ ରପ୍ତାନୀକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ନିୟନ୍ତ୍ରଣ କରାଯିବ ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏଭଳି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ଏବେ ଆମେରିକା ଭେନେଜୁଏଲାକୁ ଚଲାଇବ। ଏଠାକାର ବିଶାଳ ତୈଳ ଭଣ୍ଡାରରୁ ବର୍ଷ ବର୍ଷ ପର୍ଯ୍ୟନ୍ତ ତୈଳ ବାହାର କରିବ। ଆଉ ଭେନେଜୁଏଲାର ଅନ୍ତରୀଣ ସରକାରକୁ ଯାହା ଜରୁରୀ ହେବ ତାହା ଦିଆଯିବ। ନିଶା କାରବାରର ଅଭିଯୋଗ ଲଗାଇ ରାତାରାତି ସେନା ପଠାଇ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କୁ ଆମେରିକା ଉଠାଇ ଆଣିବା ପଛର କାରଣ ଧିରେ ଧିରେ ଏବେ ସାମ୍ନାକୁ ଆସିବାରେ ଲାଗିଛି।

ଚୀନ୍ ଏବଂ ରୁଷ ନିୟନ୍ତ୍ରଣକୁ ଯିବାକୁ ନ ଦେବା ପାଇଁ ଟ୍ରମ୍ପ ଏପରି କାର୍ଯ୍ୟାନୁଷ୍ଠାନ ନେଇଥିଲେ। କାରଣ ସେହି ରାତିରେ ଅପେରସନ ହୋଇ ନ ଥିଲେ ସକାଳେ ଚୀନ୍ ବିଦେଶମନ୍ତ୍ରୀ ଭେନେଜୁଏଲା ଗସ୍ତରେ ଆସିବାର ଥିଲା। ଏହି ଗସ୍ତରେ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର ହୋଇଥାନ୍ତା। ଭେନେଜୁଏଲାରୁ ବିପୁଳ ତୈଳ ରପ୍ତାନୀ ପାଇଁ ଚୀନ୍‌କୁ ଅନୁମତି ମିଳିଯାଇଥାଆନ୍ତା। ଖାଲି ସେତିକି ନୁହେଁ, ଆକ୍ରମଣ ପଛରେ 'ଆଣ୍ଡେସ ରିଜିନ' ଆଉ ଏକ କାରଣ ହୋଇଛି। ଦକ୍ଷିଣ ଆମେରିକାର ଏହି କ୍ଷେତ୍ରରେ ତମ୍ବା, ରୁପା, ଲିଥିୟମ, ସୁନା ଆଦି ବିପୁଳ ଖଣିଜ ପଦାର୍ଥ ଠୁଳ ହୋଇ ରହିଛି। ଉପଗ୍ରହ, ଇଲେକ୍ଟ୍ରିକ ଗାଡ଼ି ଆଦି ନିର୍ମାଣରେ ଏ ସବୁ ଖଣିଜ ପଦାର୍ଥର ବହୁଳ ବ୍ୟବହାର ହେଉଛି। କିନ୍ତୁ, ଏହି କ୍ଷେତ୍ରର ୬୦ ପ୍ରତିଶତ ନିୟନ୍ତ୍ରଣ ନିୟନ୍ତ୍ରଣ ଚୀନ୍ ପାଖରେ ଥିଲା। ଏଥିଯୋଗୁଁ ରୁପା ମୂଲ୍ୟ ମଧ୍ୟ ବଢ଼ି ଚାଲିଛି। ଚୀନ୍ ବିଶ୍ୱ ଅର୍ଥନୀତି ହେବାକୁ ଚାହୁଁଥିବାରୁ ରୁପା ବିକ୍ରି ବନ୍ଦ କରିଦେଇଛି। ଏହି ଦେଶ ପାଖରେ ରେୟାର ଆର୍ଥ ମ୍ୟାଟେରିଆଲର ୯୦ ପ୍ରତିଶତ ମଧ୍ୟ ରହିଛି। ଏଭଳି ସ୍ଥିତିରେ ଡଲାର ବଦଳରେ ସ୍ଥାନୀୟ ମୁଦ୍ରାରେ ଚୀନ୍ କାରବାର କରିବାକୁ ଚାହୁଁଛି। ତେଣୁ ଡଲାର ମୂଲ୍ୟ କ୍ରମାଗତ ଭାବେ ଦୁର୍ବଳ ହେବାରେ ଲାଗିଛି। ଏହା ଆମେରିକା ପାଇଁ ଅସହ୍ୟ ହୋଇ ଯାଇଥିଲା। ଆଗାମୀ ଭବିଷ୍ୟତରେ ତୈଳ ନୁହେଁ, ଖଣିଜ ପଦାର୍ଥ ଅଧିକ ମୂଲ୍ୟବାନ ହେବ ବୋଲି ଟ୍ରମ୍ପ ହୃଦ୍‌ବୋଧ କରିଥିଲେ। ଆମେରିକାରୁ କ୍ଷମତା ଖସୁଥିବା ଦେଖି ସେ ଭେନେଜୁଏଲାରେ ଆକ୍ରମଣ କରିଥିଲେ।

ଟ୍ରମ୍ପ ବୁଧବାର ଏକ ସାକ୍ଷାତକାରରେ କହିଥିଲେ ଯେ ଭେନେଜୁଏଲାର ପ୍ରତ୍ୟକ୍ଷ ନିୟନ୍ତ୍ରଣ ଆମେରିକା ନିଜ ପାଖରେ ରଖିବ। ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଏମିତି ଚାଲିବ। ଭେନେଜୁଏଲାକୁ ପୁଣିଥରେ ଛିଡ଼ା କରାଯିବ। ସେଠାରୁ ତେଲ ବାହାର କରି ଅନ୍ତର୍ଜାତୀୟ ବଜାରରେ ବିକ୍ରି କରାଯିବ। ଏହା ଦ୍ୱାରା ତୈଳ ମୂଲ୍ୟ କମ୍ ହେବ। ଏଥିରୁ ମିଳୁଥିବା ଅର୍ଥକୁ ଭେନେଜୁଏଲାକୁ ଦିଆଯିବ। କିନ୍ତୁ ନିର୍ବାଚନ ନେଇ ଟ୍ରମ୍ପ ମୁହଁ ଖୋଲି ନାହାନ୍ତି।

## ଖଣି ନିରାପତ୍ତା ମହାନିର୍ଦ୍ଦେଶାଳୟର ୧୨୫ତମ ପ୍ରତିଷ୍ଠା ଦିବସ ପାଳିତ



**ଭୁବନେଶ୍ୱର, ୮।୧ (ସମିସ):** ଖଣି ନିରାପତ୍ତା ମହାନିର୍ଦ୍ଦେଶାଳୟ (ଡିଜିଏମଏସ)ର ୧୨୫ତମ ପ୍ରତିଷ୍ଠା ଦିବସ ବୁଧବାର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ୨୫ଟି ଚାରା ରୋପଣ କରାଯାଇଥିଲା। ଏହା ସହିତ "ସୁରକ୍ଷିତ ଖଣି ଖନନକାରୀ, ଶକ୍ତିଶାଳୀ ରାଷ୍ଟ୍ର" ଶୀର୍ଷକ ଏକ କର୍ମଶାଳା ମଧ୍ୟ ଆୟୋଜିତ ହୋଇଥିଲା। ଭୁବନେଶ୍ୱର ଆଞ୍ଚଳିକ କ୍ଷେତ୍ର- ୧ ଓ ୨ର ଖଣି ନିରାପତ୍ତା ନିର୍ଦ୍ଦେଶକ ଏକେ ମିଶ୍ର ଓ ଏନ୍ ବାଲସୁବ୍ରମଣ୍ୟମଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଖଣିର ୭୫ଜଣ ଅଧିକାରୀ ଯୋଗଦେଇଥିଲେ। ଓଏମସି, ରୁଙ୍ଗଟା, ଏମଜିଏମ, ଜିଆରଏମ, ଫେକର, ଇମ୍ପା, ଟାଟା ଷ୍ଟିଲ, ଜିନ୍ଦଲ ଷ୍ଟିଲ, ଜିନ୍ଦଲ ଷ୍ଟେନଲେସ ଲିମିଟେଡ, ଜେଏସଡବ୍ଲୁ ଓ ଏମଏନଏସ ଭଳି କମ୍ପାନୀ ଏଥିରେ ଅଂଶଗ୍ରହଣ କରିଥିଲେ। ଖଣିଜ ଓ ଖନନକୁ ଦେଶ ବିକାଶର ମେରୁଦଣ୍ଡ ଭାବେ ବିଚାର କରି ଡିଜିଏମଏସ ପକ୍ଷରୁ ନିରାପତ୍ତା, ସ୍ୱାସ୍ଥ୍ୟ ଓ ଏଥିରେ ନିୟୋଜିତ ସମସ୍ତ କର୍ମଚାରୀଙ୍କ କଲ୍ୟାଣକୁ ଗୁରୁତ୍ୱ ଦିଆଯାଉଛି।

ଶିଳ୍ପାୟନ ଓ ବୈଷୟିକ ଉତ୍ଥାନ ସହ ଡିଜିଏମଏସର ଅନେକ ରୂପାନ୍ତରଣ ହୋଇଛି। ଡିଜିଏମଏସଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ପାଇଁ ବିଗତ ଦିନରେ ମୃତାହତ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ହୋଇଛି। କୋଇଲା ଖଣିରେ କାର୍ଯ୍ୟରତ ପ୍ରତି ହଜାରେ କର୍ମଚାରୀରେ ମୃତ୍ୟୁ ହାର ୦.୯୩ରୁ ୦.୧୨କୁ ହ୍ରାସ ପାଇଛି। ସେହିପରି ଅଣ କୋଇଲା ଖଣିରେ ଏହା ୦.୬୭ ରୁ ୦.୨୨କୁ ହ୍ରାସ ପାଇଛି। ନିରନ୍ତର ନିରାପଦ ଅଭ୍ୟାସକୁ ପ୍ରୋତ୍ସାହନ ଦ୍ୱାରା ଖଣି ଓ ଖଣି କର୍ମଚାରୀଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଡିଜିଏମସି ପ୍ରତିବଦ୍ଧ ରହିଛି।

# ରାଜ୍ୟ ଖବର

**ଅନୁଗୋଳ-ତାଳଚେର ଅଞ୍ଚଳରେ ବାୟୁ ପ୍ରଦୂଷଣ**

## ମୁଖ୍ୟମନ୍ତ୍ରୀଙ୍କ ସମେତ ୨ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୮।୧ (ସମିସ):** ଅନୁଗୋଳ-ତାଳଚେର ଶିଳ୍ପାଞ୍ଚଳରେ ବଢୁଥିବା ମାତ୍ରାଧିକ ବାୟୁ ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶାନ ରେଡ୍ଡୀ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୃଥକ୍ ପୃଥକ୍ ପତ୍ର ଲେଖିଛନ୍ତି। ଏହି ପତ୍ରରେ ସେ ଅନୁଗୋଳ-ତାଳଚେରରେ ଜନସ୍ୱାସ୍ଥ୍ୟ ପ୍ରତି ସୃଷ୍ଟି ହୋଇଥିବା ବିପଦ ସମ୍ପର୍କରେ ଅବଗତ କରାଇବା ସହ ସମସ୍ୟାର ସମାଧାନ ପାଇଁ ଏକାଧିକ ପ୍ରସ୍ତାବ ରଖିଛନ୍ତି। ଅନୁଗୋଳରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଗମ୍ଭୀର ସ୍ଥିତିରେ ରହିବା ନେଇ ଶ୍ରୀ ପ୍ରଧାନ ଚିନ୍ତା ପ୍ରକଟ କରିଛନ୍ତି। ବିଶେଷକରି, ତାଳଚେର ଦେଶର ସବୁଠାରୁ ପ୍ରଦୂଷିତ ସହର ତାଲିକାରେ ସ୍ଥାନ ପାଇବା ଏକ ଉଦ୍‌ବେଗଜନକ ବିଷୟ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାଦ୍ୱାରା ଶିଶୁ, ବୟସ୍କ ଏବଂ ଶ୍ୱାସକ୍ରିୟା ଜନିତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିପନ୍ନ ହେଉଥିବା ସେ ପତ୍ରରେ ଉଲ୍ଲେଖ କରିଛନ୍ତି।

**ପ୍ରଦୂଷଣ ସମସ୍ୟାର ସମାଧାନ ପାଇଁ ହସ୍ତକ୍ଷେପ ଲୋଡ଼ିଲେ**

ଏଥିପାଇଁ ଶ୍ରୀ ପ୍ରଧାନ ତିନୋଟି ପତ୍ର ମାଧ୍ୟମରେ ପୃଥକ ପୃଥକ ପ୍ରସ୍ତାବ ଦେଇଛନ୍ତି। ଶିଳ୍ପାଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣ ନିୟମାବଳୀକୁ କଡ଼ାକଡ଼ି ଭାବେ ଲାଗୁ କରିବା ସହ ରିଅଲ୍-ଟାଇମ୍ ମନିଟରିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା, କୋଇଲା ପରିବହନ କ୍ଷେତ୍ରରେ 'ମେକାନାଇଜଡ୍ କୋଲ୍ ଟ୍ରାନ୍ସପୋର୍ଟେସନ୍ ସିଷ୍ଟମ' ଏବଂ ଉନ୍ନତ ଧୂଳି ଦମନ ପ୍ରକ୍ରିୟା ଆପଣାଇବାକୁ କୋଇଲା ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବା, ଶିଳ୍ପାଞ୍ଚଳ ଏବଂ ଖଣି କରିଡର ଚାରିପାଖରେ ବ୍ୟାପକ ବୃକ୍ଷରୋପଣ ମାଧ୍ୟମରେ 'ଗ୍ରୀନ୍ ବଫର୍' ସୃଷ୍ଟି କରିବା ସହ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନସିଏପି) ଅନ୍ତର୍ଗତ ଲକ୍ଷ୍ୟ ଧାର୍ଯ୍ୟ ଯୋଜନାଗୁଡ଼ିକର ସମ୍ପ୍ରସାରଣ କରିବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ଶ୍ରୀ ପ୍ରଧାନ ଦର୍ଶାଇଛନ୍ତି ଯେ ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି) ଅନ୍ତର୍ଗତ ନିଆଯାଉଥିବା ପଦକ୍ଷେପଗୁଡ଼ିକ ସାମୟିକ। ତେଣୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲ୍ଲା ପ୍ରଶାସନ ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସ୍ଥାୟୀ ସମାଧାନ ବାହାର କରିବା ଆବଶ୍ୟକ। ଅନୁଗୋଳ ଏବଂ ତାଳଚେର ଅଞ୍ଚଳବାସୀଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି।

## ଏସଓପି ଜାରି କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୮।୧(ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ଗୁରବାର ଦେଖାଦେଇଥିବା ମିଛ ବୋମା ଭୟ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିଛନ୍ତି। ବୈଠକରୁ ଜଣାଯାଇଛି ଯେ ସମସ୍ତ ବୋମା ଧମକ ମିଛ ଥିଲା। ପୁଲିସର ବମ୍ ଡିଟେକ୍ସନ୍ ସ୍କ୍ୱାଡ୍, କୁଇକ୍ ରିଆକ୍ସନ୍ ଟିମ୍, ସ୍ପେସିଆଲ ଟାକ୍ଟିକାଲ୍ ୟୁନିଟ୍, ଗୁଇନ୍ଦା ଅଧିକାରୀ ତୁରନ୍ତ ସଂପୃକ୍ତ ସ୍ଥାନକୁ ଯାଇ ପରିସ୍ଥିତିର ଅନୁସନ୍ଧାନ କରିଥିଲେ। ଏହିଭଳି ଧମକ ବାରମ୍ବାର ଆସିବାର ସମ୍ଭାବନା ଥିବାରୁ ଏଥିପାଇଁ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିପାଇଁ ପୁଲିସ ପକ୍ଷରୁ ଏକ ଏସ୍‌ଓପି ଜାରି କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

# ହୋଟେଲ ଶିଳ୍ପର ବାଦ୍‌ଶାହ ଓ ରାଜନେତା ଦିଲୀପ

ବିଶିଷ୍ଟ ରାଜନେତା ତଥା ସଫଳ ଶିଳ୍ପୋଦ୍ୟୋଗୀ ଦିଲୀପ ରାୟଙ୍କର ଆଜି ଜନ୍ମଦିନ। ଉଭୟ ରାଜନୀତି ଏବଂ ବ୍ୟବସାୟରେ ସଫଳ ହୋଇଥିବା କେତେଜଣ ହାତଗଣତି ବ୍ୟକ୍ତିଙ୍କ ଭିତରେ ସେ ଅନ୍ୟତମ। କାଉନ୍‌ସିଲରରୁ ରାଜନୀତି ଆରମ୍ଭ କରି ବିଧାୟକ (୧୯୮୫) ଏବଂ ପରେ ପରେ ରାଉରକେଲାର ପ୍ରଥମ ମୁନିସ୍‌ପାଲିଟିର ଚେୟାରମ୍ୟାନ ହେବାର ସୌଭାଗ୍ୟ ଅର୍ଜନ କରିପାରିଥିଲେ। ମାତ୍ର ୩୦ ବର୍ଷ ବୟସରେ ବିଧାୟକ ଏବଂ ୩୫ବର୍ଷ ବୟସରେ ବିଜୁବାବୁଙ୍କ ନେତୃତ୍ୱାଧୀନ ଜନତା ଦଳ ସରକାରରେ ୧୯୯୦ ମସିହାରେ ଶିଳ୍ପ ମନ୍ତ୍ରୀ (କ୍ୟାବିନେଟ) ହୋଇଥିଲେ। ଲଗାତାର ଭାବରେ ତିନିଜଣ ପ୍ରଧାନମନ୍ତ୍ରୀଙ୍କ ଅଧୀନରେ ୪ ଥର କେନ୍ଦ୍ରମନ୍ତ୍ରୀ ହେବାର ରେକର୍ଡ଼ ଏବେବି ଦିଲୀପ ରାୟଙ୍କ ନାମରେ ଅଛି। ସ୍ୱାଧୀନ ଭାବରେ ରାଜ୍ୟସଭାକୁ ନିର୍ବାଚିତ ହୋଇ ଯିବାରେ ସେ ପ୍ରଥମ ଓଡ଼ିଆ। ୨୦୧୪ ମସିହାରେ ଲୋକସଭା ନିର୍ବାଚନରେ (ବିଜେପି) ରାଜ୍ୟରେ ଏକମାତ୍ର ଆସନ ସୁନ୍ଦରଗଡ଼ରୁ ଜୁଏଲ ଓରାମ୍‌ଙ୍କୁ ଜିତିବାରେ ଦିଲୀପଙ୍କ ପ୍ରମୁଖ ଭୂମିକା ଥିଲା।



**ଜନ୍ମଦିନ ଉପଲକ୍ଷେ**

୧୯୭୯ ମସିହାରୁ ଯାତ୍ରା ଆରମ୍ଭ କରିଥିବା ତାଙ୍କ ପରିଚାଳିତ ମେ' ଫେୟାର ଗ୍ରୁପ ୨୦୨୦ ମସିହା କରୋନା ମହାମାରୀ ପରେ ବୁଲେଟ୍ ଟ୍ରେନ ପରି କ୍ଷିପ୍ର ଗତିରେ ଆଗେଇ ଚାଲିଛି। ଗତ ୫ବର୍ଷରେ ମେ' ଫେୟାର ଗ୍ରୁପ୍ ବିଭିନ୍ନ ରାଜ୍ୟରେ ପାଖାପାଖି ୧୦ ଟା ତାରକା ହୋଟେଲ୍ ଖୋଲିବାରେ ସଫଳ ହୋଇଛି। ଗତ ନଭେମ୍ବର ୫ ତାରିଖ ଦିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦ୍ୱାରା ପାରାଦୀପରେ ଉଦ୍‌ଘାଟିତ ହୋଇଛି ୧୫୦ ରୁମ୍ ବିଶିଷ୍ଟ MAYFAIR ON Sea। ୨୦୨୬ ଶେଷ ସୁଦ୍ଧା MAYFAIR Sanchauri and Convention ଠିଆ କରିବ ଭୁବନେଶ୍ୱର ଚନ୍ଦକା ଜଙ୍ଗଲ ସଂଲଗ୍ନ Elephant corridor ଠାରେ ଯାହା ହେବ ଭାରତର ସର୍ବବୃହତ Convention ଏବଂ ୪୦୦ କୋଠରୀ ବିଶଷ୍ଟ ପଞ୍ଚତାରକା ହୋଟେଲ। ଯେଉଁଠାରେ ଏକକାଳୀନ ୫୦୦୦ ଲୋକଙ୍କର ବସିବା ୭୦୦ ଗାଡ଼ି ରହିବାର ବ୍ୟବସ୍ଥା ରହିଛି। ପଛକୁ ପଛ ଆସିବ (Siridi Airport) ନିକଟରେ MAYFAIR ପଞ୍ଚତାରକା ହୋଟେଲ ଏବଂ ସାତପଡ଼ା ଚିଲିକା ମୁହାଣରେ (MAYFAIR Chilika Resort)।

୪୦ ଏକର ପରିମିତ ବଙ୍ଗୋପସାଗର (Vizag) ସାମ୍ନାରେ ଦ୍ରୁତଗତିରେ ଆଗେଇ ଚାଲିଛି ୨୫୦ କୋଠରୀ ବିଶିଷ୍ଟ MAYFAIR - Ocean Vizag। ଯାହାକି ହେବ ଆନ୍ଧ୍ରପ୍ରଦେଶର ସବୁଠାରୁ ବଡ଼ ସାତତାରକା ହୋଟେଲ। ସମୁଦ୍ରକୂଳ, ହ୍ରଦ, ଜଙ୍ଗଲ, ନଦୀ, ଲାଗୁନ, ଟି ଗାର୍ଡ଼େନ ଏବଂ ଶୈଳ ନିବାସରେ ଠିଆ ହୋଇଥିବା ମେ' ଫେୟାର ପ୍ରଥମଥର ପାଇଁ ସୌନ୍ଦର୍ଯ୍ୟପୂର୍ଣ୍ଣ ଆଣ୍ଡାମାନ ଓ ନିକୋବରରେ ପାଦ ଥାପିଛି। ୨୦୨୬ ଶେଷ ବେଳକୁ ମେ' ଫେୟାରର ୨୫ ତମ ହୋଟେଲ ଅତିକ୍ରମ କରିବାରେ ସଫଳ ହୋଇସାରିଥିବ ଏବଂ ମେ' ଫେୟାର ଗ୍ରୁପ୍ ବ୍ୟକ୍ତିଗତ ମାଲିକାନାରେ ଭାରତବର୍ଷର ସର୍ବବୃହତ ହୋଟେଲ ଗ୍ରୁପ୍‌ରେ ପରିଣତ ହୋଇସାରିଥିବ। ଏପରି ଜଣେ ସଫଳ ବ୍ୟକ୍ତିଙ୍କ ଜନ୍ମଦିନ ଅବସରରେ ଭଗବାନଙ୍କ ନିକଟରେ ତାଙ୍କୁ ଦୀର୍ଘାୟୁ କରିବାକୁ ପ୍ରାର୍ଥନା କରୁଛୁ।■

**ଦୁର୍ଗାପ୍ରସାଦ ମହାନ୍ତି, ରାଜନୈତିକ ସଚିବ**

# ଏମ୍ସରେ 'ଅନ୍ତର୍ଜାତୀୟ ମାନୁଆଲ ଥେରାପି ସମ୍ମିଳନୀ' ଉଦ୍‌ଘାଟିତ

**ଭୁବନେଶ୍ୱର, ୮।୧(ସମିସ):** ମାନୁଆଲ ଫିଜିଓଥେରାପିକୁ ଗୁରତ୍ୱ ଦେଇ ଏଣିକି ପ୍ରତି ପଞ୍ଚାୟତରେ ଖୋଲିଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ମାନୁଆଲ ଫିଜିଓଥେରାପି ଉପକରଣ ଯୋଗାଇ ଦିଆଯିବ। ଏମସ୍ ମୁଖ୍ୟ ଅଡିଟୋରିୟମରେ ଆୟୋଜିତ ଅନ୍ତର୍ଜାତୀୟ ମାନୁଆଲ ଥେରାପି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହା କହିଛନ୍ତି। ମାନୁଆଲ ଫିଜିଓଥେରାପି ପାଇଁ ବ୍ୟାପକ ପ୍ରସାରପ୍ରଚାରର ଆବଶ୍ୟକତା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ପୁନର୍ବାସ ବିଜ୍ଞାନରେ ବୈଜ୍ଞାନିକ ଶିକ୍ଷା ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବାରେ





କଟକ ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ତାଲିମ ଏବଂ ଗବେଷଣା ପ୍ରତିଷ୍ଠାନ (ଏସ୍‌ଭିଏନ୍‌ଆଇଆରଟିଏଆର)ର ପ୍ରୟାସକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ୧୧ତାରିଖ ଯାଏ ଚାଲିବାକୁ ଥିବା ଏହି ୪ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀର ଉଦ୍‌ଘାଟନୀ ଦିବସରେ ଏମ୍ସ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଡ. ଆଶୁତୋଷ ବିଶ୍ୱାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାବେଶକୁ ସମ୍ବୋଧିତ କରିଥିଲେ। ରୋଗୀ-କୈନ୍ଦ୍ରିକ ପୁନର୍ବାସ ସେବାକୁ ସୁଦୃଢ଼ କରିବାରେ ଆନ୍ତଃଶାଖାଗତ ସହଯୋଗ ଏବଂ ଗବେଷଣାର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏସ୍‌ଭିଏନ୍‌ଆଇଆରଟିଏଆର ନିର୍ଦ୍ଦେଶକ ଡ. ପତିତପାବନ ମହାନ୍ତି ଅଧ୍ୟକ୍ଷତା କରି ପୁନର୍ବାସ ଶିକ୍ଷା, ଗବେଷଣା ଏବଂ କ୍ଲିନିକାଲ ଅଭ୍ୟାସରେ ଉତ୍କର୍ଷତା ପ୍ରତି ପ୍ରତିଷ୍ଠାନର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ଜାତୀୟ, ଅନ୍ତର୍ଜାତୀୟ ବିଶେଷଜ୍ଞଙ୍କ ଦ୍ୱାରା ପ୍ୟାନେଲ ଆଲୋଚନା, କର୍ମଶାଳା ଏବଂ ପେପର ଉପସ୍ଥାପନା ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବ।

